# NATIONAL NEWS BULLETIN (ODIA)
## 17 August - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦକ୍ଷିଣ ଗୋଲାର୍ଦ୍ଧର ଦେଶଗୁଡ଼ିକୁ ଏକତ୍ରିତ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- କେନ୍ଦ୍ର ସରକାର ଆନ୍ଦୋଳନରତ ସ୍ୱାସ୍ଥ୍ୟ କର୍ମୀଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ଦେଲେ ଆହ୍ୱାନ ।
- ଆଜି ସୁଦ୍ଧା ଦେଶରେ କୌଣସି ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇନଥିବା କହିଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ଚେନ୍ନାଇରେ ଏକ ଅତ୍ୟାଧୁନିକ ସାମୁଦ୍ରିକ ଉଦ୍ଧାର ସମନ୍ୱୟ କେନ୍ଦ୍ରର କରିବେ ଉଦ୍‌ଘାଟନ ।

ଏବଂ

- ମିଳିତ ଜାତିସଂଘର ଏକ ମାନବାଧିକାର ଦଳ ଆସନ୍ତା ସପ୍ତାହରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ସହ ଢାକାରେ କରିବେ ଆଲୋଚନା ।

# ପିଏମ୍-ଗ୍ଲୋବାଲ୍ ସାଉଥ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ଗୋଲାର୍ଦ୍ଧର ଦେଶଗୁଡ଼ିକୁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଛନ୍ତି । ଆଭାଷୀ ମାଧ୍ୟମରେ ଆୟୋଜିତ **ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ୍ ସମ୍ମିଳନୀ**କୁ ଆଜି ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦକ୍ଷିଣ ଗୋଲାର୍ଦ୍ଧ ଦେଶଗୁଡ଼ିକୁ ସହଯୋଗ ପ୍ରଦାନ କରିବାରେ ଭାରତ ସଂକଳ୍ପବଦ୍ଧ । ବାଣିଜ୍ୟ, ଅନ୍ତର୍ଦେଶୀୟ ବିକାଶ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଏହି ଅବସରରେ ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି ।

ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଡିଜିଟାଲ ଭିତ୍ତିଭୂମିର ଭୂମିକା ସଂପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ଏକ ବୈଶ୍ୱିକ ପାଣ୍ଠି ଗଠନ କରିଥିଲା । ଦକ୍ଷିଣ ଗୋଲାର୍ଦ୍ଧର ରାଷ୍ଟ୍ରଗୁଡ଼ିକରେ ଡିଜିଟାଲ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଜି-୨୦ ସଦସ୍ୟ ରାଷ୍ଟ୍ରଙ୍କର ସହମତି କ୍ରମେ ଏଭଳି ପାଣ୍ଠି ଗଠନ କରାଯାଇଥିଲା । ଏହି ପାଣ୍ଠିରୁ ଭାରତ ୨୫ ନିୟୁତ ଡଲାର ପ୍ରାରମ୍ଭିକ ଭାବେ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାଂପ୍ରତିକ ବୈଶ୍ୱିକ ପରିସ୍ଥିତି ଏବଂ ଆହ୍ୱାନ ଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ଚିନ୍ତା ପ୍ରକଟ କରିଛନ୍ତି ।

କୋଭିଡ ନାଇଣ୍ଟିନ୍ ମହାମାରୀର ପରବର୍ତ୍ତୀ ପ୍ରଭାବ ସହ ବିଶ୍ୱ ଏବେ ମଧ୍ୟ ସଂଘର୍ଷ କରୁଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଯୁଦ୍ଧ ପରିସ୍ଥିତି ବିକାଶର ଯାତ୍ରାକୁ ବାଧା ପହଞ୍ଚାଉଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ।

## ଇରାକ୍-ଗ୍ଲୋବାଲ୍ ସାଉଥ୍ ସମିଟ୍

ତୃତୀୟ ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ସମ୍ମିଳନୀର ଆୟୋଜନ କରିଥିବାରୁ ଇରାକ୍ ଭାରତ ସରକାରଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛି । ଇରାକ୍‌ର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଫୁଆଦ ହୁସେନ୍ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଗ୍ଲୋବାଲ୍ ସାଉଥ୍ ସଶକ୍ତିକରଣ ଶୀର୍ଷକ ଏକ ଆଲୋଚନାରେ ଅଂଶଗ୍ରହଣ କରି ଏହା କହିଛନ୍ତି । ସେ କହିଛନ୍ତି, ଇରାକ୍ ଗ୍ଲୋବାଲ୍ ସାଉଥ୍‌ର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସମସ୍ତଙ୍କ ସହ ମିଳିତ ଭାବେ ଏକ ସମୃଦ୍ଧ ଭବିଷ୍ୟତ ପାଇଁ ନିରନ୍ତର କାର୍ଯ୍ୟ କରିବା ଲାଗି ଇରାକ୍ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

## ହେଲ୍‌ଥ-ଡକ୍ଟର କମିଟି

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ପ୍ରତିଶ୍ରୁତି

ଦେଇ ବୃହତର ସ୍ୱାର୍ଥ ରକ୍ଷା ଲାଗି ସେମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ କହିଛି । ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରର ପେଷାଦାରମାନଙ୍କ ସୁରକ୍ଷା ପାଇଁ ଏକ କମିଟି ଗଠନ କରାଯିବ । ଏହି କମିଟି ସ୍ୱାସ୍ଥ୍ୟ କ୍ଷେତ୍ରର ପେଷାଦାର, ଅଂଶିଦାର ଏବଂ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ପ୍ରସ୍ତାବ ଦେବ । କୋଲ୍‌କାତାର ଆର୍.ଜି. କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ମହିଳା ଡାକ୍ତରଙ୍କ ହତ୍ୟା ଘଟଣା ପରେ ଭାରତୀୟ ମେଡିକାଲ୍ ସଂଘ ଆଇ.ଏମ୍.ଏ. ସମେତ ବିଭିନ୍ନ ଡାକ୍ତରୀ ସଂଘ ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ବୈଠକ କରିଥିଲେ । ମିଳିତ ଭାବେ ସମସ୍ତ ସଂଗଠନ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିବା ସହ ସେମାନଙ୍କ ନିରାପତ୍ତା ପାଇଁ ବ୍ୟବସ୍ଥାକୁ କରିବାକୁ ଦାବି କରିଥିଲେ । ସେମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରତିଶ୍ରୁତି ଦେଇଛି । ଦେଶରେ ମ୍ୟାଲେରିଆ ଓ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ କେନ୍ଦ୍ର ପକ୍ଷରୁ ସେମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ଆହ୍ୱାନ ଦିଆଯାଇଛି ।

## ରିଜିଜୁ-କୋଲକାତା

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, କୋଲକାତାର ଏକ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ କେବଳ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ନୁହନ୍ତି  ସମଗ୍ର ଦେଶ ଏଥିନେଇ ଚିନ୍ତା ପ୍ରକଟ କରୁଛି । ଆଜି ଭୁବନେଶ୍ୱରରେ ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ନିରାପତ୍ତା ଚିନ୍ତାର କାରଣ ହୋଇଥିବା କହିଛନ୍ତି । ଏହି ଘଟଣାକୁ ନେଇ ସମଗ୍ର ପଶ୍ଚିମବଙ୍ଗରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଘଟଣା ପରେ ଆବଶ୍ୟକ ପଦକ୍ଷେପ ନେଇଛି ବୋଲି ସେ କହିଛନ୍ତି ।

## ହେଲ୍‌ଥ-ମଙ୍କିପକ୍ସ

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଆଜି ସୁଦ୍ଧା ଦେଶରେ କୌଣସି ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି । ମଙ୍କିପକ୍ସକୁ ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘୋଷଣା କରିବା ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ବୈଠକରେ ମଙ୍କିପକ୍ସ ସ୍ଥିତି ଓ ଏହାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି

ବୈଠକରେ ମଙ୍କିପକ୍ସ ରୋଗର ନିୟନ୍ତ୍ରଣ ଓ ପ୍ରତିରୋଧ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ନିଷ୍ପତ୍ତି ନିଆଯାଇଛି । ସତର୍କତାମୂଳକ ପଦକ୍ଷେପ ମଧ୍ୟରେ ବିମାନ ବନ୍ଦର, ସାମୁଦ୍ରିକ ବନ୍ଦରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଓ ନମୁନା ପରୀକ୍ଷଣ କେନ୍ଦ୍ର ଗୁଡ଼ିକୁ ପ୍ରସ୍ତୁତ ରଖିବା ଆଦି ରହିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ବହୁ ସଂଖ୍ୟାରେ ମଙ୍କିପକ୍ସ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ଦେଶରେ ଖୁବ୍ କମ୍ ରହିଛି । ଏହି ରୋଗ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତର୍କ ଦୃଷ୍ଟି ରଖିଛି । ଏହି ରୋଗରେ ଆକ୍ରାନ୍ତଙ୍କ ସହିତ ଶାରିରୀକ ସମ୍ପର୍କ ରହିଲେ ଏହି ରୋଗ ବ୍ୟାପିଥାଏ । ତେବେ ମଙ୍କିପକ୍ସ ଆକ୍ରାନ୍ତଙ୍କୁ ଉପଯୁକ୍ତ ଚିକିତ୍ସା କରାଗଲେ ସେମାନେ ୨ରୁ ୪ ସପ୍ତାହ ମଧ୍ୟରେ ସୁସ୍ଥ ହୋଇଥାନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ।

## ରାଜନାଥ-ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ତାଙ୍କ ଚେନ୍ନାଇ ଗସ୍ତ ଅବସରରେ ଭାରତୀୟ ତଟରକ୍ଷୀ ବାହିନୀର ଏକ ଅତ୍ୟାଧୁନିକ ସାମୁଦ୍ରିକ ଉଦ୍ଧାର ସମନ୍ୱୟ କେନ୍ଦ୍ରର ଉଦ୍‌ଘାଟନ କରିବେ । ସେ ଚେନ୍ନାଇରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର ଏବଂ ପୁଡୁଚେରିରେ କୋଷ୍ଟଗାର୍ଡ୍ ଏୟାର୍ ଏନ୍‌କ୍ଲେଭ୍‌କୁ ଉଦ୍‌ଘାଟନ କରିବେ । ସାମୁଦ୍ରିକ ପ୍ରଦୂଷଣ ପରିଚାଳନାରେ ଚେନ୍ନାଇ ବନ୍ଦର ସ୍ଥିତ ପ୍ରଦୂଷଣ କେନ୍ଦ୍ର ଏକ ଅଭିନବ

ପଦକ୍ଷେପ । ସାମୁଦ୍ରିକ ପ୍ରଦୂଷଣ ଜନିତ ସମସ୍ୟାର ସମାଧାନ କରିବା ଦିଗରେ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

## କର୍ଣ୍ଣାଟକ-ସିଦ୍ଧରମେୟା

କର୍ଣ୍ଣାଟକର ମହୀଶୂର ନଗର ଉନ୍ନୟନ କର୍ତ୍ତୃପକ୍ଷ ଅଧୀନସ୍ଥ ଜମି ଆବଣ୍ଟନ ଦୁର୍ନୀତି ମାମଲାକୁ ନେଇ ବିଜେପି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ସମାଲୋଚନା କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଦଳର ମୁଖପାତ୍ର ସମ୍ବିଦ ପାତ୍ର ଏହି ୪ହଜାର କୋଟି ଟଙ୍କାର ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଓ ତାଙ୍କ ପରିବାର ସମ୍ପୃକ୍ତ ଥିବା ଅଭିଯୋଗ କରିଛନ୍ତି ।

ଇତିମଧ୍ୟରେ ସିଦ୍ଧରମେୟାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ଅନୁମତି ପ୍ରଦାନ କରିଛନ୍ତି । ଟି.ଜେ. ଆବ୍ରାହମ୍, ପ୍ରଦୀପ ଏବଂ ସ୍ନେହମୟୀ କ୍ରିଷ୍ଣାଙ୍କ ପକ୍ଷରୁ ଦାଖଲ କରାଯାଇଥିବା ୩ଟି ପିଟିସନ ଆଧାରରେ ରାଜ୍ୟପାଳ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପୂର୍ବରୁ ଗତମାସ ୨୬ ତାରିଖରେ ଶ୍ରୀ ଗେହଲତ ଏହି ଦୁର୍ନୀତିକୁ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ସପ୍ତାହକ ମଧ୍ୟରେ ନୋଟିସ୍‌ର ଜବାବ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ ।

ଏହି ନୋଟିସ୍ ପ୍ରଦାନ କରି ରାଜ୍ୟପାଳ ତାଙ୍କ ସାମ୍ବିଧାନିକ କ୍ଷମତାର ଅପବ୍ୟହାର କରିଛନ୍ତି ବୋଲି ରାଜ୍ୟ କ୍ୟାବିନେଟ୍ ଅଭିଯୋଗ କରିଥିଲା ।

ଅନ୍ୟ ପକ୍ଷରେ କଂଗ୍ରେସ ମୁଖପାତ୍ର ପବନ୍ ଖେରା ଏହି ଘଟଣାକୁ ନେଇ ରାଜନୀତି କରାଯାଉଥିବା ଅଭିଯୋଗ କରିଛନ୍ତି । ସିଦ୍ଧରମେୟାଙ୍କ ବିରୁଦ୍ଧରେ ଏହି ମାମଲା ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ କହିଛନ୍ତି ।

## ଆକାଶବାଣୀ ବୁଲେଟିନ୍

ଆକାଶବାଣୀ ସମାଚାର ବିଭାଗ ଘଣ୍ଟିକିଆ ସମାଚାର ପ୍ରସାରଣ ସୂଚୀରେ ପରିବର୍ତ୍ତନ କରାଯିବ । ଆସନ୍ତାକାଲି ମଧ୍ୟରାତ୍ରିଠାରୁ ପ୍ରଥମେ ହିନ୍ଦୀ ଭାଷାରେ ସମ୍ବାଦ ପ୍ରସାରଣ ହେବ, ପରେ ପରେ ୫ ମିନିଟ୍ ଅବଧିର ଇଂରାଜୀ ସମ୍ବାଦ ପ୍ରସାରଣ କରାଯିବ । ଅଗଷ୍ଟ ୧୮ ତାରିଖରୁ ଏହା କାର୍ଯ୍ୟକାରୀ ହେବ ।

## ଗୋପୀନାଥ ଇଣ୍ଡିଆନ୍ ଇକନମି

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି-ଆଇଏମ୍ଏଫ୍ ର ପ୍ରଥମ ଉପ-ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଗୀତା ଗୋପୀନାଥ କହିଛନ୍ତି ଗତ ଆର୍ଥିକ ବର୍ଷରେ

ଭାରତର ଅଭିବୃଦ୍ଧି ହାର ଆଶା ଠାରୁ ଅଧିକ ଥିଲା । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ଅର୍ଥନୀତିରେ ପରିଣତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଆଗାମୀ ୫/୬ ବର୍ଷ ମଧ୍ୟରେ ଭାରତରେ ବହୁ ପରିମାଣରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ଘରୋଇ ବ୍ୟବହାରରେ ସୁଧାର ଆସିବା ସହ ଅନୁକୂଳ ମୌସୁମୀ ଯୋଗୁଁ ଅମଳ ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି । ସେ କହିଛନ୍ତି ଦୁଇଚକିଆ ଯାନଠାରୁ ଆରମ୍ଭ କରି ଉପଭୋକ୍ତା ସାମଗ୍ରୀ ପର୍ଯ୍ୟନ୍ତ ଭାରତରେ ସାମଗ୍ରିକ ବ୍ୟବହାର ବୃଦ୍ଧି ପାଇବା ଅଭିବୃଦ୍ଧି ହାର ବଢ଼ାଇବାରେ ସହାୟକ ହେଉଛି ।

## ଲେବାନନ-ଇସ୍ରାଏଲ୍

ଦକ୍ଷିଣ ଲେବାନନ୍‌ର ନାବାଟିହେ ଜିଲ୍ଲାର ଏକ ଆବାସିକ କୋଠା ଉପରେ ଆଜି ସକାଳେ ଇସ୍ରାଏଲ୍ ପକ୍ଷରୁ ଏୟାର୍ ଷ୍ଟ୍ରାଇକ୍‌ରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହି ଆକ୍ରମଣରେ ବହୁ ଘର ଭାଙ୍ଗି ଯାଇଛି, ରାସ୍ତାରେ ଜମା ହୋଇଥିବା ଭଗ୍ନାବଶେଷକୁ ଉଠାଇବା ପାଇଁ ସିଭିଲ୍ ଡିଫେନ୍ସ ଏବଂ ଇସ୍‌ଲାମିକ୍ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷର ଅନେକ ଗୁଡ଼ିଏ ବୁଲ୍‌ଡୋଜର୍ ଏବଂ କ୍ରେନ୍‌କୁ ନିୟୋଜିତ କରାଯାଇଛି ।

ସୂଚନା ଯୋଗ୍ୟ ଗତବର୍ଷ ଅକ୍ଟୋବର ୮ ତାରିଖରେ ଲେବାନନ୍ ଇସ୍ରାଏଲ୍ ସୀମାରେ ଉତ୍ତେଜନା ବୃଦ୍ଧି ପାଇଥିଲା ।

## ୟୁଏନ୍- ହ୍ୟୁମାନ୍ ରାଇଟ୍ସ ଢ଼ାକା

ମିଳିତ ଜାତିସଂଘର ଏକ ମାନବାଧିକାର ଦଳ ଆସନ୍ତା ସପ୍ତାହରେ ଢାକା ଗସ୍ତ କରି ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ସହ ଆଲୋଚନା କରିବେ । ଏହି ଦଳ ସେଠାରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗର ତଦନ୍ତ କରିବେ ବୋଲି ଜଣାପଡ଼ିଛି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ଉପମୁଖପାତ୍ର ଫରହାନ୍ ହକ୍ କହିଛନ୍ତି ଜାତିସଂଘ ମାନବାଧିକାର ହାଇକମିଶନର ଭୋଲ୍‌କର ତୁର୍କ ମଧ୍ୟବର୍ତ୍ତୀ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କ ସହ ଆଲୋଚନା କରିଛନ୍ତି । ପରିବର୍ତ୍ତିତ ପରିସ୍ଥିତି ନେଇ ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ସମର୍ଥନ ପ୍ରଦାନ କରିବେ ବୋଲି ଏହି ଆଲୋଚନାକାଳରେ ଶ୍ରୀ ତୁର୍କ କହିଛନ୍ତି । ଶ୍ରୀ ତୁର୍କ ଜେନେଭାରେ ଏକ ବିବୃତି ଦେଇ କହିଛନ୍ତି ବାଂଲାଦେଶରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗର ବ୍ୟାପକ, ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ହେବାର ଆବଶ୍ୟକତା ରହିଛି ।